ଅନୁପ କୁମାର କୁଣ୍ଡୁ

ବନାମ

ସୁଦୀପ ଚରଣ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ

ଅଗଷ୍ଟ, 8, 2006

[ ଅରିଜିତ୍ ପଶାୟତ ଏବଂ ଏସ୍. ଏଚ୍. କାପାଡିଆ, ନ୍ୟାୟମୂର୍ତ୍ତିଦ୍ୱୟ ]

*ସେବା ଆଇନ:*

*ପ୍ରଫେସରଙ୍କ ନିଯୁକ୍ତି-ଆବେଦନକାରୀ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ ନିକଟରେ ପ୍ରଫେସର ପଦବୀରେ ନିଯୁକ୍ତି ପାଇଁ ଏବଂ ଅନ୍ୟ ଜଣେ ପ୍ରଫେସରଙ୍କ ନିଯୁକ୍ତିକୁ ରଦ୍ଦ କରିବାକୁ ପ୍ରାର୍ଥନା କରି ଏକ ଆବେଦନ ଦାଖଲ କରିଥିଲେ-ନ୍ୟାୟାଧିକରଣ ସେହି ପ୍ରଫେସରଙ୍କ ନିଯୁକ୍ତିକୁ ବାତିଲ କରିଦେଇଥିଲା କିନ୍ତୁ ପ୍ରଫେସର ପଦବୀରେ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ଅନୁରୋଧକୁ ଅସମର୍ଥନୀୟ ବୋଲି ଦର୍ଶାଇଥିଲା-ତଥାପି, ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ ଦରଖାସ୍ତକାରୀଙ୍କ ଅନୁରୋଧ ଗ୍ରହଣୀୟ ନୁହେଁ, ଏହାପରେ ଉଚ୍ଚ ନ୍ୟାୟଳୟ ଜଣେ ପଦଧାରୀ ପ୍ରଫେସରଙ୍କ ନିଯୁକ୍ତିର ସଠିକତା ଯାଞ୍ଚ କରିଥିଲେ ଯାହା ନ୍ୟାୟାଧିକରଣ ସମ୍ମୁଖରେ ଉଠାଯାଇ ନଥିଲା ଏବଂ ଉକ୍ତ ପଦଧାରୀ ପ୍ରଫେସରଙ୍କ ନିଯୁକ୍ତିକୁ ବେଆଇନ ଥିଲା ବୋଲି ନିର୍ଣ୍ଣୟ ନିଆଯାଇଥିଲା-ସଠିକତା-ନିର୍ଣ୍ଣିତ ଯେ: ପ୍ରଫେସରଙ୍କ ନିଯୁକ୍ତିକୁ ଆପତ୍ତି ନକରିବା ନେଇ କୌଣସି ବିବାଦ ନଥିଲା-ନ୍ୟାୟାଧିକରଣଙ୍କ ଦ୍ୱାରା ମାମଲାର ଫଏସଲା ହେବା ପରେ, ଉଚ୍ଚ ନ୍ୟାୟାଳୟ ପଦଧାରୀ ପ୍ରଫେସରଙ୍କ ନିଯୁକ୍ତି ବେଆଇନ ବୋଲି ରାୟ ପ୍ରଦାନ କରିବା ନ୍ୟାୟସଙ୍ଗତ ନଥିଲେ-ତେଣୁ ଉଚ୍ଚ ନ୍ୟାୟାଳୟ ଏକ ନୂତନ ମାମଲା ବିଚାର କରିବାରେ ନ୍ୟାୟସଙ୍ଗତ ନଥିଲେ ଯାହା ପୂର୍ବରୁ ନ୍ୟାୟାଧିକରଣଙ୍କ ସମ୍ମୁଖରେ ପକ୍ଷମାନଙ୍କ ମାମଲା ନଥିଲା-ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ଖାରଜ କରାଯାଇଥିଲା-ପ୍ରଣିତ ଅଭ୍ୟାସ ଏବଂ ପ୍ରକ୍ରିୟା ।*

**ଉତ୍ତରଦାତା ସଂଖ୍ୟା 1 ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ ସମ୍ମୁଖରେ ଏକ ଆବେଦନ ଦାଖଲ କରି ପ୍ରଫେସର ପଦବୀରେ ନିଯୁକ୍ତି ପାଇଁ ଏବଂ ଉତ୍ତରଦାତା ସଂଖ୍ୟା 9 ଙ୍କ ନିଯୁକ୍ତିକୁ ବାତିଲ କରିବା କରିବାକୁ ଅନୁରୋଧ କରିଥିଲେ । ନ୍ୟାୟାଧିକରଣ ଉତ୍ତରଦାତା ସଂଖ୍ୟା 9 ଙ୍କ ନିଯୁକ୍ତିକୁ ରଦ୍ଦ**

କରି ଆବେଦନକୁ ଆଂଶିକ ଭାବରେ ଅନୁମତି ଦେଇଥିଲେ, କିନ୍ତୁ ଜାଣିବାକୁ ପାଇଲେ ଯେ ପ୍ରଫେସର ପଦବୀରେ ନିଯୁକ୍ତି ପାଇଁ ଉତ୍ତରଦାତା ସଂଖ୍ୟା 1 ଙ୍କ ଅନୁରୋଧ ଗ୍ରହଣୀୟ ନୁହେଁ ।

ନ୍ୟାୟାଧିକରଣଙ୍କର ରାୟର ସଠିକତା ଉପରେ ପ୍ରଶ୍ନ ଉଠାଇ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ ପ୍ରଫେସର ପଦବୀରେ ନିଯୁକ୍ତି ପାଇଁ ଉତ୍ତରଦାତା ସଂଖ୍ୟା 1 ଙ୍କ ଅନୁରୋଧ ଗ୍ରହଣୀୟ ନୁହେଁ । ତେବେ, ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ନିଯୁକ୍ତିର ସଠିକତା ଯାଞ୍ଚ କରିଥିଲେ ଯାହା ନ୍ୟାୟାଧିକରଣଙ୍କ ସମ୍ମୁଖରେ ଉଠାଯାଇ ନଥିଲା ଏବଂ ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ନିଯୁକ୍ତିକୁ ବେଆଇନ ବୋଲି ଦର୍ଶାଇଥିଲେ । ସେଥିପାଇଁ ଆବେଦନ କରାଯାଇଛି ।

ଆବେଦନକୁ ଅନୁମତି ଦେଇ, ନ୍ୟାୟାଳୟ

ନିର୍ଣ୍ଣୟ ନେଇଥିଲେ ଯେ: 1.ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଏକ ନିଛକ ଅବଲୋକନ ଏହି ସ୍ଥିତିକୁ ସ୍ପଷ୍ଟ କରେ ଯେ ପ୍ରଫେସର ଭାବରେ ଆବେଦନକାରୀଙ୍କ ନିଯୁକ୍ତିକୁ ଆପତ୍ତି ନକରିବା ନେଇ କୌଣସି ବିବାଦ ନଥିଲା । ଅନ୍ତରୀଣ ଆବେଦନରେ କରାଯାଇଥିବା ଅଭିଯୋଗ, ଆଜ୍ଞାଦେଶ ଆବେଦନର ନିଯୁକ୍ତିକୁ ଏକ ନିର୍ଦ୍ଦିଷ୍ଟ ଆପତ୍ତି କରାଯିବାର ବିକଳ୍ପ ହୋଇପାରିବ ନାହିଁ । ଯାହା ହେଉନା କାହିଁକି, ନ୍ୟାୟାଧିକରଣଙ୍କ ଦ୍ୱାରା ମାମଲାର ସମାଧାନ ହେବା ପରେ, ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ନିଯୁକ୍ତି ବେଆଇନ ବୋଲି ବିଚାର କରିବା ଯଥାର୍ଥ ନଥିଲା । ବିବାଦର ବିଷୟବସ୍ତୁ ଏବଂ ବିବାଦର କ୍ଷେତ୍ର ସମ୍ପୂର୍ଣ୍ଣ ଭିନ୍ନ ଥିଲା । ଯଦିଓ ଉତ୍ତରଦାତା ସଂଖ୍ୟା 1 ସ୍ୱୀକାର କରିଥିଲେ ଯେ ବାସ୍ତବରେ ଆବେଦନକାରୀଙ୍କ ନିଯୁକ୍ତିକୁ ଆପତ୍ତି କରାଯାଇଥିଲା, କିନ୍ତୁ ନ୍ୟାୟାଧିକରଣଙ୍କ ଦ୍ୱାରା ନଥିଭୁକ୍ତ କରାଯାଇଥିବା ସ୍ପଷ୍ଟ ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟ ଏହି ଉପସଂହରରେ ଉପନୀତ ହୋଇଥିଲେ ଯେ ନ୍ୟାୟାଧିକରଣଙ୍କ ସମ୍ମୁଖରେ ଏପରି କୌଣସି ଆପତ୍ତି କରାଗଲା । ତେଣୁ ଉଚ୍ଚ ନ୍ୟାୟାଳୟ ଏକ ନୂତନ ମାମଲା ଉପରେ ବିଚାର କରିବା ଯଥାର୍ଥ ନଥିଲା, ଯାହା ନ୍ୟାୟାଧିକରଣଙ୍କ ସମ୍ମୁଖରେ ପକ୍ଷମାନଙ୍କ ମାମଲା ନଥିଲା । ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ରାୟ ବାତିଲ ହେବା ଅଟେ ।

ଦେୱାନୀ ଆବେଦନ କ୍ଷେତ୍ରାଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 3415/2006 ।

W.P.S.T. ସଂଖ୍ୟା 675/2002ରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କର 30.10.2003 ତାରିଖର ରାୟ ଏବଂ ଆଦେଶରୁ ।

ପ୍ରଦୀପ କୁମାର ଘୋଷ, ଅନିନ୍ଦିତା ଗୁପ୍ତା, ରାମେଶ୍ୱର ପି ଡି ଗୋୟଲ ଏବଂ ଉଜ୍ଜ୍ୱଳ ବାନାର୍ଜୀ ଆବେଦନକାରୀ ପାଇଁ ।

ଉତ୍ତରଦାତାମାନଙ୍କ ପାଇଁ ମନିନ୍ଦର ସିଂହ, ପ୍ରତିଭା ଏମ୍. ସିଂହ, ଗୌରବ ଶର୍ମା, ରାହୁଲ ଅଜାତଶତ୍ରୁ, ତେଜବୀର ଏସ୍. ଭାଟିଆ, ଅଭିଜିତ୍ ଭଟ୍ଟାଚାର୍ଜୀ, ସୌମ୍ୟ କୁଣ୍ଡୁ, ପି. କେ. ଦେ, କେ. କେ. ଯୋଶୀ, କୌଶିକ ଦେ, ଶାନ୍ତନୁ ଘୋଷ ଏବଂ ଆଭା ଆର୍. ଶର୍ମା ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।

**ନ୍ୟାୟାଧୀଶ ଅରିଜିତ୍ ପଶାୟତ**, ଅନୁମତି ପ୍ରଦାନ କରାଗଲା ।

ଏହା ଆବେଦନରେ ଆପତ୍ତି କରାଯାଇଥିଲା ଯେ କଲିକତା ଉଚ୍ଚ ନ୍ୟାୟାଳୟଙ୍କର ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଦ୍ୱାରା ପ୍ରଦାନ କରାଯାଇଥିବା ରାୟ, ଯାହା ଦର୍ଶାଇଥିଲା ଯେ ବିଭାଗର ମୁଖ୍ୟ ଭାବରେ ଆବେଦନକାରୀଙ୍କ ନିଯୁକ୍ତି ଆଇନଗତ ନୁହେଁ ଏବଂ ଆହୁରି ମଧ୍ୟ ଆବେଦନକାରୀଙ୍କୁ କର୍ତ୍ତୃପକ୍ଷଙ୍କୁ ସନ୍ତୁଷ୍ଟ କରିବା ଆବଶ୍ୟକ ଥିଲା ଯେ ନିୟମିତ ଭାବରେ ପ୍ରଫେସର ପଦବୀରେ ରହିବାକୁ ଯୋଗ୍ୟ ହେବା ପାଇଁ ତାଙ୍କ ପାଖରେ ଆବଶ୍ୟକ ଯୋଗ୍ୟତା ଥିଲା ।

ପୃଷ୍ଠଭୂମି ତଥ୍ୟ ସଂକ୍ଷେପରେ ନିମ୍ନରେ ଦିଆଗଲା:

ଉତ୍ତରଦାତା ସଂଖ୍ୟା 1-ସୁଦୀପ ଚରଣ ଚକ୍ରବର୍ତ୍ତୀ ପଶ୍ଚିମବଙ୍ଗ ପ୍ରଶାସନିକ ନ୍ୟାୟାଧିକରଣ ସମ୍ମୁଖରେ ଏକ ମୂଳ ଆବେଦନ ଦାଖଲ କରିଥିଲେ (ଏହାପରେ 'ନ୍ୟାୟାଧିକରଣ' ଭାବରେ ସୂଚିତ) ।

ମୁଖ୍ୟତଃ, ତାଙ୍କ ଦ୍ୱାରା ନ୍ୟାୟାଧିକରଣ ସମ୍ମୁଖରେ ଦୁଇଟି ଆପତ୍ତି କରାଯାଇଥିଲା । ସେ ପ୍ରଫେସର ପଦବୀରେ ନିଯୁକ୍ତି ପାଇଁ ଏବଂ ଡକ୍ଟର ଦିଲୀପ କର୍ମାକର (ଯିଏ ନ୍ୟାୟାଧିକରଣ ସମ୍ମୁଖରେ ଉତ୍ତରଦାତା ସଂଖ୍ୟା ୨ ଥିଲେ) ଙ୍କ ନିଯୁକ୍ତିକୁ ବାତିଲ କରିବା କରିବାକୁ ପ୍ରାର୍ଥନା କରିଥିଲେ । ନ୍ୟାୟାଧିକରଣ ତାଙ୍କର 18.12.2001 ତାରିଖର ରାୟ ଏବଂ ଆଦେଶ ଦ୍ୱାରା ଉପରୋକ୍ତ ଡକ୍ଟର ଦିଲୀପ କର୍ମାକରଙ୍କ ନିଯୁକ୍ତିକୁ ରଦ୍ଦ କରି ଆବେଦନକୁ ଆଂଶିକ ଭାବରେ ଅନୁମତି ଦେଇଥିଲା, କିନ୍ତୁ ଜାଣିବାକୁ ପାଇଲେ ଯେ ଅବେଦନକରି ଅର୍ଥାତ୍ ଏହି ଆବେଦନରେ ଉତ୍ତରଦାତା ସଂଖ୍ୟା 1 ଙ୍କ ପ୍ରଫେସର ପଦବୀରେ ନିଯୁକ୍ତି ପାଇଁ ଅନୁରୋଧ ଗ୍ରହଣୀୟ ନୁହେଁ ।

ନ୍ୟାୟାଧିକରଣଙ୍କର ରାୟର ସଠିକତା ଉପରେ ପ୍ରଶ୍ନ ଉଠାଇ କଲିକତା ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ (W.P.S.T. ସଂଖ୍ୟା 675/2002 ) ଦାଖଲ କରାଯାଇଥିଲା । ଡକ୍ଟର ଦିଲୀପ କର୍ମାକର ତାଙ୍କ ମାମଲାରେ ନ୍ୟାୟାଧିକରଣଙ୍କର ରାୟର ବୈଧତା ଉପରେ ପ୍ରଶ୍ନ ଉଠାଇନଥିଲେ । ଉଚ୍ଚ ନ୍ୟାୟାଳୟ ନ୍ୟାୟାଧିକରଣଙ୍କର ମତକୁ ନିଶ୍ଚିତ କରିଛନ୍ତି ଯେ ପ୍ରଫେସର ପଦବୀରେ ନିଯୁକ୍ତି ପାଇଁ ଆବେଦନକାରୀ (ଏହି ଆବେଦନରେ ଉତ୍ତରଦାତା ସଂଖ୍ୟା 1) ଙ୍କ ଅନୁରୋଧ ଗ୍ରହଣୀୟ ନୁହେଁ । ଯଦି ଉଚ୍ଚ ନ୍ୟାୟାଳୟ ସେହିଠାରେ ଅଟକି ଯାଇଥାନ୍ତେ, ତେବେ ବର୍ତ୍ତମାନର ଆବେଦନ ଦାଖଲ କରିବାର ଆବଶ୍ୟକତା ନଥାନ୍ତା । କିନ୍ତୁ ଉଚ୍ଚ ନ୍ୟାୟାଳୟ ବର୍ତ୍ତମାନର ଆବେଦନକାରୀ ଯିଏକି ଉଚ୍ଚ ନ୍ୟାୟଳୟଙ୍କ ସମ୍ମୁଖରେ ଉତ୍ତରଦାତା ସଂଖ୍ୟା 1 ଥିଲେ, ଏହା ତାଙ୍କର ପରିଶ୍ରା ବିଭାଗର ମୁଖ୍ୟ ଭାବରେ ଏବଂ ଜଣେ ପ୍ରଫେସର ଭାବରେ ତାଙ୍କର ନିଯୁକ୍ତିର ସଠିକତା ଯାଞ୍ଚ କରିବାକୁ ଯାଇଥିଲେ ।

ବର୍ତ୍ତମାନର ଆବେଦନକାରୀ ଏବଂ ପଶ୍ଚିମବଙ୍ଗ ରାଜ୍ୟ ଦ୍ୱାରା ଆପତ୍ତି ଉଠାଯାଇଥିଲା ଯେ ନ୍ୟାୟାଧିକରଣ ସମ୍ମୁଖରେ ସମାନ ମାମଲା ଉତ୍ଥାନ କରାଯାଇ ନଥିଲା ତେଣୁ ଉକ୍ତ ପ୍ରସଙ୍ଗକୁ ଯାଞ୍ଚ କରାଯିବା ଉଚିତ ନୁହେଁ । ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଗ୍ରହଣ କରିନଥିଲେ ଏବଂ ବର୍ତ୍ତମାନର ଉତ୍ତରଦାତା ସଂଖ୍ୟା 1ଙ୍କ ଆବେଦନକୁ ଏହି ଆଧାରରେ ଗ୍ରହଣ କରିଥିଲେ ଯେ ନ୍ୟାୟାଧିକରଣଙ୍କ ସମ୍ମୁଖରେ ମୂଳ ଆବେଦନ ଏବଂ ଆଜ୍ଞାଦେଶ ଆବେଦନ ବିଚାରାଧୀନ ଥିବା ସମୟରେ, କିଛି ଘଟଣା ଘଟିଥିଲା ଯାହା ବର୍ତ୍ତମାନର ଆବେଦନକାରୀଙ୍କ ସହ ଜଡିତ ପ୍ରସଙ୍ଗର ବିଚାର ଆବଶ୍ୟକ କରିଥିଲା । ତଦନୁସାରେ, ଆକ୍ଷେପିତ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ଆବେଦନକାରୀଙ୍କ ନିଯୁକ୍ତି ବେଆଇନ ବୋଲି ନିର୍ଣ୍ଣୟ ନିଆଯାଇଥିଲା । ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଦର୍ଶାଇଥିଲେ ଯେ ଉଚ୍ଚ ନ୍ୟାୟାଳୟ ଏପରି କୌଣସି ପ୍ରସଙ୍ଗରେ ପ୍ରବେଶ କରିବା ଉଚିତ ନୁହେଁ ଯାହା ନ୍ୟାୟାଧିକରଣ ସମ୍ମୁଖରେ ଆପତ୍ତିର ବିଷୟ ନଥିଲା । ଉଚ୍ଚ ନ୍ୟାୟାଳୟ ଏହି ସ୍ଥିତିକୁ ସ୍ୱୀକାର କରିଥିଲେ ଯେ ଆବେଦନକାରୀଙ୍କ ସମ୍ବନ୍ଧରେ ନ୍ୟାୟାଧିକରଣ ସମ୍ମୁଖରେ କୌଣସି ଆପତ୍ତି କରାଯାଇନଥିଲା । କିନ୍ତୁ, ଏହା ଏହି ପ୍ରସଙ୍ଗକୁ ଯାଞ୍ଚ କରିବା ପାଇଁ ଆଗକୁ ବଢ଼ିଲା ଯେପରି ଏହା ନ୍ୟାୟାଧିକରଣଙ୍କ ଆଦେଶରୁ ଉତ୍ପନ୍ନ ହୋଇଥିଲା ଯାହା ଏହା ସମ୍ମୁଖରେ ଆକ୍ଷେପିତ ହୋଇଥିଲା । ଆବେଦନକାରୀ ବେଆଇନ ଭାବେ କାର୍ଯ୍ୟ ଜାରି ରଖିଛନ୍ତି ବୋଲି ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବେ ଭୁଲ ମତ ଦେଇଛନ୍ତି ।

ଅନ୍ୟପକ୍ଷରେ, ଉତ୍ତରଦାତା ସଂଖ୍ୟା 1 ଙ୍କ ବିଦ୍ୱାନ ଓକିଲ ଦର୍ଶାଇଥିଲେ ଯେ ଉଚ୍ଚ ନ୍ୟାୟାଳୟ ସାମଗ୍ରିକ ସ୍ଥିତିକୁ ଧ୍ୟାନରେ ରଖି ଆବେଦନକାରୀଙ୍କୁ ବିଭାଗର ମୁଖ୍ୟ ତଥା ପ୍ରଫେସର ଭାବେ ନିଯୁକ୍ତିକୁ ଯଥାର୍ଥ ଭାବେ ବାତିଲ କରିଦେଇଛନ୍ତି । ଏହା ଦର୍ଶାଯାଇଛି ଯେ ଯଦିଓ ଉତ୍ତରଦାତା ସଂଖ୍ୟା 1 ବିଭାଗର ମୁଖ୍ୟ ଭାବରେ ଆବେଦନକାରୀଙ୍କ ନିଯୁକ୍ତି ଉପରେ ପ୍ରଶ୍ନ ଉଠାଇନଥିଲେ, ଅନ୍ୟ ଏକ ପ୍ରସଙ୍ଗରେ ନ୍ୟାୟାଧିକରଣ ନିର୍ଣ୍ଣୟ ନେଇଥିଲେ ଯେ 26.12.2001 ର ସରକାରୀ ପରିପତ୍ର ପୂର୍ବରୁ ବାତିଲ ହୋଇସାରିଛି । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏ ସଂକ୍ରାନ୍ତରେ ଆଦେଶ କାଏମ ରଖାଯାଇଥିଲା, ତେଣୁ ଏହି ଆବେଦନରେ ହସ୍ତକ୍ଷେପ କରିବାର କୌଣସି ଆବଶ୍ୟକତା ନାହିଁ ।

କେତେକ ତାରିଖ ପ୍ରତି ଟିପ୍ପଣୀ ଦେବା ଆବଶ୍ୟକ । ନ୍ୟାୟାଧିକରଣ ସମ୍ମୁଖରେ ମୂଳ ଆବେଦନ 24.5.2001 ତାରିଖରେ ଦାଖଲ କରାଯାଇଥିଲା । ଆବେଦନକାରୀଙ୍କୁ 22.5.2000 ରେ ପ୍ରଫେସର ଭାବରେ ନିଯୁକ୍ତ କରାଯାଇଥିଲା । ମୂଳ ଆବେଦନରେ ଆବେଦନକାରୀଙ୍କ ନିଯୁକ୍ତିକୁ କୌଣସି ଆପତ୍ତି କରାଯାଇନଥିଲା । ଏହା ଉତ୍ତରଦାତା ସଂଖ୍ୟା 1ଙ୍କ ପାଇଁ ବିଦ୍ୱାନ ଓକିଲଙ୍କ ଆଭିମୁଖ୍ୟ, ଯାହା ଉପରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଗୁରୁତ୍ୱ ଦିଆଯାଇଥିଲା ଯେ ମଧ୍ୟବର୍ତ୍ତୀକାଳୀନ ଆବେଦନ ଦାଖଲ କରାଯାଇଥିଲା, ଯେଉଁଥିରେ ନ୍ୟାୟାଧିକରଣଙ୍କ ଦ୍ୱାରା କିଛି ନିର୍ଦ୍ଦେଶ ପାରିତ ହୋଇଥିଲା ଯାହା 18.12.2001 ରେ ମାମଲାର ଫଏସଲା କରିଥିଲା । 4.1.2002 ରେ, ଆବେଦନକାରୀଙ୍କୁ ବିଭାଗର ମୁଖ୍ୟ 4.1.2002ରୁ ପ୍ରଭାବୀ ଭାବରେ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ଇତି ମଧ୍ୟରେ, ଜଣେ ଡକ୍ଟର ଅଜୟ କୁମାର ଗୁପ୍ତାଙ୍କ ଦ୍ୱାରା ନ୍ୟାୟାଧିକରଣ ସମ୍ମୁଖରେ ଏକ ମୂଳ ଆବେଦନ ଦାଖଲ କରାଯାଇଥିଲା । 26.12.2001 ତାରିଖର ସରକାରୀ ଅଧିସୂଚନା, ନ୍ୟାୟାଧିକରଣଙ୍କ ଦ୍ୱାରା O.A.ସଂଖ୍ୟା 56/2002 ରେ ରଦ୍ଦ କରାଯାଇଥିଲା । ନ୍ୟାୟାଧିକରଣଙ୍କର ଆଦେଶକୁ ପଶ୍ଚିମବଙ୍ଗ ରାଜ୍ୟ, ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ପ୍ରଶ୍ନ କରିଥିଲା ଯାହା ଖାରଜ ହୋଇଯାଇଥିଲା ।  ଏହି ଆଜ୍ଞାଦେଶ ଆବେଦନ ଉତ୍ତରଦାତା ସଂଖ୍ୟା 1ଙ୍କ ଦ୍ୱାରା 17.5.2002 ରେ ଦାଖଲ କରାଯାଇଥିଲା ଏବଂ 30.10.2003 ତାରିଖ ବିଶିଷ୍ଟ ଆକ୍ଷେପିତ ରାୟ ଦ୍ୱାରା ଏହାର ସମାଧାନ କରାଯାଇଥିଲା ।

ଏହି ସମୟରେ, ଏହା ଧ୍ୟାନ ଦେବାକୁ ହେବ ଯେ ଡକ୍ଟର ଅଜୟ କୁମାର ଗୁପ୍ତାଙ୍କ ମାମଲାରେ ନ୍ୟାୟାଧିକରଣ ଏହାର 26.6.2002 ତାରିଖର ଆଦେଶ ଦ୍ୱାରା ଅଧିସୂଚନାକୁ ରଦ୍ଦ କରିଦେଇଥିଲା । ଯଦିଓ ଉତ୍ତରଦାତାସଂଖ୍ୟା 1 ଙ୍କ ବିଦ୍ୱାନ ଓକିଲଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଥିଲା ଯେ ଆବେଦନକାରୀଙ୍କ ନିଯୁକ୍ତିକୁ କୌଣସି ଆପତ୍ତି କରାଯାଇ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟଙ୍କ ରାୟ

ଯଥାର୍ଥ ନୁହେଁ, ଆମେ ଦେଖୁଛୁ ଯେ ଉଚ୍ଚ ନ୍ୟାୟାଳୟ ବର୍ତ୍ତମାନର ଆବେଦନକାରୀ ଏବଂ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ ଭାବରେ ଗ୍ରହଣ କରିଛନ୍ତି ଯେ ତାଙ୍କ ନିଯୁକ୍ତିକୁ ନ୍ୟାୟାଧିକରଣ ସମ୍ମୁଖରେ ଉତ୍ତରଦାତା ସଂଖ୍ୟା 1ଙ୍କ ଦ୍ୱାରା ଆପତ୍ତି କରାଯାଇ ନାହିଁ । ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବେ ଜାଣିବାକୁ ପାଇଛନ୍ତି ଯେ ନ୍ୟାୟାଧିକରଣ ସମ୍ମୁଖରେ କୌଣସି ଆପତ୍ତି କରାଯାଇ ନଥିଲା ।

ଏହା ଧ୍ୟାନ ଦେବାକୁ ହେବ ଯେ 30.7.2004 ରେ ଏହି ନ୍ୟାୟାଳୟ ଦ୍ୱାରା ଜାରି କରାଯାଇଥିବା ରହିତାଦେଶ କାରଣରୁ, ଆବେଦନକାରୀ ବିଭାଗର ମୁଖ୍ୟ ତଥା ଜଣେ ପ୍ରଫେସର ଭାବେ କାର୍ଯ୍ୟ ଜାରି ରଖିଛନ୍ତି ।

ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଏକ ନିଛକ ଅନୁଧ୍ୟାନ ଏହି ସ୍ଥିତିକୁ ସ୍ପଷ୍ଟ କରେ ଯେ ବିଭାଗର ମୁଖ୍ୟ ତଥା ପ୍ରଫେସର ଭାବରେ ଆବେଦନକାରୀଙ୍କ ନିଯୁକ୍ତିକୁ ଆପତ୍ତି ନକରାଯିବା ନେଇ କୋଣସି ବିବାଦ ନଥିଲା । ଅନ୍ତରୀଣ ଆବେଦନରେ କରାଯାଇଥିବା ଅଭିଯୋଗ, ଆଜ୍ଞାଦେଶ ଆବେଦନରେ ନିଯୁକ୍ତିକୁ କରାଯାଇଥିବା ଏକ ନିର୍ଦ୍ଦିଷ୍ଟ ଆପତ୍ତି କରିବାର ବିକଳ୍ପ ହୋଇପାରିବ ନାହିଁ । ଯାହା ହେଉନା କାହିଁକି, ନ୍ୟାୟାଧିକରଣ ଦ୍ୱାରା ମାମଲାର ସମାଧାନ ହେବା ପରେ, ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ନିଯୁକ୍ତି ବେଆଇନ ବୋଲି ନିର୍ଣ୍ଣୟ ନେବା ଯଥାର୍ଥ ନଥିଲା ।

ବିବାଦର ବିଷୟବସ୍ତୁ ଏବଂ ବିବାଦର କ୍ଷେତ୍ର ସମ୍ପୂର୍ଣ୍ଣ ଭିନ୍ନ ଥିଲା । ଯଦିଓ, ଉତ୍ତରଦାତା ସଂଖ୍ୟା 1ଙ୍କ ପାଇଁ ବିଦ୍ୱାନ ଓକିଲ ଉପସ୍ଥାପନ କରିଥିଲେ ଯେ ବାସ୍ତବରେ ବର୍ତ୍ତମାନର ଆବେଦନକାରୀ ଯିଏ ଉତ୍ତରଦାତା ସଂଖ୍ୟା 10 ଥିଲେ ତାଙ୍କ ନିଯୁକ୍ତିକୁ ଆପତ୍ତି କରାଯାଇଥିଲା, କିନ୍ତୁ ନ୍ୟାୟାଧିକରଣ ଦ୍ୱାରା ନଥିଭୁକ୍ତ କରାଯାଇଥିବା ସ୍ପଷ୍ଟ ଫଳାଫଳକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ନ୍ୟାୟାଧିକରଣ ସମ୍ମୁଖରେ ଏପରି କୌଣସି ଆପତ୍ତି କରାଯାଇ ନାହିଁ । ତେଣୁ ଉଚ୍ଚ ନ୍ୟାୟାଳୟ ଏକ ନୂତନ ମାମଲା ଯାହା ନ୍ୟାୟାଧିକରଣ ସମ୍ମୁଖରେ ପକ୍ଷମାନଙ୍କ ମାମଲା ନଥିଲା, ଏହା ଉପରେ ବିଚାର କରିବା ଯଥାର୍ଥ ନଥିଲା । ତେଣୁ ଉଚ୍ଚ ନ୍ୟାୟଳୟଙ୍କର ରାୟକୁ ଖାରଜ କରାଯିବା ଉଚିତ, ଯାହା ଆମେ ନିର୍ଦ୍ଦେଶ ଦେଉଛୁ ।

ତେବେ, ଆମ ଦ୍ୱାରା ଉଚ୍ଚ ନ୍ୟାୟାଳୟଙ୍କର ଆଦେଶକୁ ଅଗ୍ରାହ୍ୟ କରିବା, କର୍ତ୍ତୃପକ୍ଷଙ୍କ ଆଦେଶ ଦ୍ୱାରା ଅସନ୍ତୁଷ୍ଟ କୌଣସି ପକ୍ଷ ପାଇଁ ଉପଯୁକ୍ତ ପ୍ରତିକାର କାମନା କରିବା ପାଇଁ ଏକ ପ୍ରତିବନ୍ଧକ ଭାବରେ ବିବେଚନା କରାଯିବ ନାହିଁ । ଗୁଣବତ୍ତା ଆଧାରରେ ଅଭିଯୋଗର ଗ୍ରହଣୀୟତା ବିଷୟରେ ଆମେ କୌଣସି ମତ ପ୍ରକାଶ କରୁନାହୁଁ । ଯେହେତୁ ଆବେଦନକାରୀ ଏକ

ମଧ୍ୟବର୍ତ୍ତୀକାଳୀନ ଆଦେଶ ଆଧାରରେ କାର୍ଯ୍ୟ ଜାରି ରଖିଛନ୍ତି, ତେଣୁ ତାଙ୍କ କାର୍ଯ୍ୟକାଳ ଜାରି ରଖିବାର ଯଥାର୍ଥତା ବିଷୟରେ କର୍ତ୍ତୃପକ୍ଷଙ୍କ ନିକଟକୁ ଯିବା ପାଇଁ ତାଙ୍କ ପାଇଁ ଉନ୍ମୁକ୍ତ ରହିବ । ଏହି ନିର୍ଦ୍ଦେଶ ଏହି ସତ୍ୟକୁ ବିଚାରକୁ ନେଇ ଦିଆଯାଇଛି ଯେ ଆବେଦନକାରୀ ତଥା ରାଜ୍ୟ ସରକାର ଏହି ସ୍ଥିତିକୁ ସ୍ୱୀକାର କରିଛନ୍ତି ଯେ ସରକାରଙ୍କ ଆଦେଶ ଯାହା ବାତିଲ କରାଯାଇଥିଲା, ତାହା ଅନ୍ୟ କେତେକ ପୂର୍ବ ନିର୍ଦ୍ଦେଶ ହେତୁ କୌଣସି ପ୍ରଭାବ ପକାଇନଥିଲା । ଏହା ପ୍ରସଙ୍ଗରେ ମଧ୍ୟ ଆମେ କୌଣସି ମତ ପ୍ରକାଶ କରୁନାହୁଁ । ଉପରୋକ୍ତ ପୃଷ୍ଠଭୂମିର ତଥ୍ୟକୁ ଦୃଷ୍ଟିରେ ରଖି, ଉପରୋକ୍ତ ସୀମା ପର୍ଯ୍ୟନ୍ତ ଆବେଦନକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ରହିବ ନାହିଁ ।

ଭି. ଏସ୍. ଏସ୍. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।